## ଜଳିଗଲା ୩ ଧାନ ଗଦା

ଡାବୁଗାଁ, (ଡି.ଏନ୍.ଏ.)- ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ଅଧୀନ ବଡ କାମତା ଗ୍ରାମରେ ଗୁରୁବାର ନିଆଁଲାଗି ୩ ଟି ଧାନ ଗଦା ଓ ୨ ଟି ପାଳଗଦା ଜଳିଯାଇଛି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଡାବୁଗାଁ ବ୍ଲକ ବଡ କାମତା ଗାଁର ହର ପୂଜାରୀ, ସମାରୁ ଭତ୍ରା ଓ ବଳି ଭତ୍ରା ଚାଷ କରିଥିବା ଧାନ ଆଣି ଗୋଟିଏ ଖଳାରେ ଗଦା କରି ରଖି ଥିଲେ। ଗୁରୁବାର ଅପରାହ୍ନରେ ସେଥିରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ଡାବୁଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

**ସଂକ୍ଷେପରେ**

## ଦେଇଥିବା ପ୍ରତିଶ୍ରୁତି ରଖିଲେ ତହସିଲଦର

କୋରୁକୋଣ୍ଡା,୨୪।୧୨ (ଡି.ଏନ.ଏ.): ନିଜ କାର୍ଯ୍ୟବ୍ୟସ୍ତତା ଭିତରେ ଦେଇଥିବା ପ୍ରତିଶ୍ରୁତିକୁ ସେ ଭୁଲିଯାଇନାହାନ୍ତି। ଅସହାୟ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ସେ ରଖିଛନ୍ତି। ଏପରି ମଣିଷପଣିଆ ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆଙ୍କ କ୍ଷେତ୍ରରେ। କୋରୁକୋଣ୍ଡା ବ୍ଲକ ୧ନମ୍ବର ୱାର୍ଡର ଛାତ୍ର ସନିଆ ଦିଶାରୀ ଗୋଟିଏ ଗୋଡ଼ ହରାଇ ବିଭିନ୍ନ ସମସ୍ୟାରେ ଦିନ କାଟୁଥିଲେ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ତାଙ୍କର ଚିକିତ୍ସା କରିପାରୁ ନ ଥିଲେ। ଏ ବିଷୟରେ ଜାଣିବା ପରେ ତହସିଲଦାର ଅନୁଗୁଳିଆ ତାଙ୍କ ନିକଟରେ ପହଞ୍ଚି ତାଙ୍କ ଚିକିତ୍ସା ପାଇଁ ସମସ୍ତ ବନ୍ଦୋବସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ସେ ଗୁରୁବାର ପୂରଣ କରିଛନ୍ତି। ୪ଦିନ ତଳେ ନିଜେ ବିବାହକରି ବହୁ ବ୍ୟସ୍ତତାରେ ଥାଇ ମଧ ସେ ସନିଆଙ୍କୁ ଚିକିତ୍ସା ପାଇଁ ପଠାଇଛନ୍ତି। କୃତ୍ରିମ ଗୋଡ଼ ଲଗାଇବାକୁ ଭୁବନେଶ୍ୱର ନିକଟସ୍ଥ ଓଲଟପୁର ଯିବାକୁ ତହସିଲଦାର ତାଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି।

## ଅଲଟ୍ରାସାଉଣ୍ଡ ମେଶିନ ସଜାଡିବାକୁ ନିର୍ଦ୍ଦେଶ

କୋରାପୁଟ,୨୪।୧୨(ସ୍ୱ.ପ୍ର.): କୋରାପୁଟ ଜିଲାରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅଲଟ୍ରାସାଉଣ୍ଡ ମେଶିନ ଖରାପ ହୋଇପଡିଥିବାରୁ ରୋଗୀ ଏଥିରୁ ଉପକୃତ ହେଉନାହାନ୍ତି। ସେମାନେ ଆବଶ୍ୟକ ପରୀକ୍ଷାନିରୀକ୍ଷା ବାହାରେ କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ସେ ସବୁର ମରାମତି ପାଇଁ ଜିଲାପାଳ ଏକ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ପିଡି ପ୍ରବୀର କୁମାର ନାୟକ,ସିଡିଏମ୍‌ଓ ମକରନ୍ଦ ବେଉରା, ଡାକ୍ତର ଅରୁଣ ପାଢ଼ୀ, ଡିଇଓ ରାମଚନ୍ଦ୍ର ନାହାକ, ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ଆର୍‌ଟିଓ ପ୍ରସନ୍ନ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜୟପୁରସ୍ଥିତ ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ମେଡିକାଲ କଲେଜରେ ଦୀର୍ଘଦିନ ଧରି ଅଚଳ ହୋଇପଡିଥିବା ୨ଟି ଅଲଟ୍ରା ସାଉଣ୍ଡ ମେଶିନକୁ ତୁରନ୍ତ ମରାମତି କରିବାକୁ ଜିଲାପାଳ ଉଭୟ ମେଡିକାଲ କଲେଜ ଅଧୀକ୍ଷକ ସୀତାରାମ ମହାପାତ୍ର ଓ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ଥିବା ୧୪ଟି ସିଏଚସି ଏବଂ ୪୮ଟି ପିଏଚସିକୁ ସଫାସୁତରା ରଖିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶୀତରେ ଥରୁଛି ଜୟପୁର

ଜୟପୁର, ୨୪।୧୨ (ନି.ପ୍ର.): ଶୀତରେ ଥରୁଛି ଦକ୍ଷିଣ ଓଡିଶାର ପ୍ରମୁଖ ସହର ଜୟପୁର। ଧୀରେ ଧୀରେ ପାରଦ ଖସି ଶୀତ ବଢୁଥିବାରୁ ଘରୁ ବାହାରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡିଛି। ସନ୍ଧ୍ୟା ହୋଇଗଲେ ସହର ଶୂନଶାନ ହୋଇପଡୁଛି। ଦିନସାରା ଚଳଚଞ୍ଚଳ ଥିବା ସହର ସନ୍ଧ୍ୟାରୁ ନୀରବି ଯାଉଛି। ଶୀତପାଇଁ ବେଶୀ କଷ୍ଟ ପାଉଛନ୍ତି ଗରିବ ଲୋକେ। କୋରାପୁଟ ଜିଲାର ପଟାଙ୍ଗୀ, ସେମିଳିଗୁଡା, ଦାମନଯୋଡି, କୋରାପୁଟ, ନନ୍ଦପୁର ଓ ଲମତାପୁଟରେ ଅଧିକ ରହୁଛି ଶୀତର ପ୍ରକୋପ।

# ମଧ୍ୟାହ୍ନ ଭୋଜନ ସହାୟତା ଅର୍ଥ ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ

ବୈପାରୀଗୁଡା,୨୪।୧୨ (ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ବାବଦ ଚାଉଳ ଓ ଏହାର ସହାୟତା ରାଶି ଶିକ୍ଷକମାନେ ଅଭିଭାବକଙ୍କୁ ଡାକି ବାଣ୍ଟି ଥିଲେ। ଚାଉଳ ବାଦେ ବଳକା ସହାୟତା ରାଶି ପିଲାଙ୍କ ବ୍ୟାଙ୍କ ପାସବୁକ୍ ମାଧ୍ୟମରେ ପ୍ରଦାନ କରିବା ବ୍ୟବସ୍ଥା ଥିବାରୁ ବୈପାରୀଗୁଡା ବ୍ଲକରେ ବ୍ୟାଙ୍କର ଅସହଯୋଗ କାରଣରୁ ବହୁ ଛାତ୍ରୀଛାତ୍ର ଏହି ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ କହିଛନ୍ତି- ଏଯାଏ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାସ୍‌ବୁକ୍‌ରେ ୩ଟି ପର୍ଯ୍ୟାୟରେ ସହୟତା ରାଶି ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଇଛି । ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୧୬ରୁ ଜନ୍ ୧୩ ପର୍ଯ୍ୟନ୍ତ ଏକ ତାଲିକା ପ୍ରସ୍ତୁତ କରାଯାଇ ଏଥିରେ ୯ ହଜାର ୭୨୧ ଜଣ ପ୍ରାଥମିକ ବିଦ୍ୟାଳୟର ଛାତ୍ରଙ୍କ ପାଇଁ ଦୈନିକ ୫ ଟଙ୍କା ୪୨ପଇସା ଏବଂ ୪ ହଜାର ୭୩୮ ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଙ୍କ ପାଇଁ ଦୈନିକ ୮ ଟଙ୍କା ୧୦ ପଇସା ହିସାବରେ ୯୦ ଦିନର ମଧ୍ୟାହ୍ନ ଭୋଜନ ବାବଦ ସହାୟତା ରାଶି ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମଧ ସମାନ ପରିମାଣର ସହାୟତା ରାଶି ୧୦ ହଜାର ୬୬୫ ଜଣ ପ୍ରାଥମିକ ଓ ୫ ହଜାର ୩୯୪ ଜଣ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ସହାୟତା ରାଶି ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଜମାଖାତାରେ ପୈଠ କରାଯାଇଥିଲା। ତୃତୀୟ ପର୍ଯ୍ୟାୟ ସେପ୍ଟେମ୍ବର ୧ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ୪୩ ଦିନର ୧୦ ହଜାର ୬୯୧ ପ୍ରାଥମିକ ଓ ୫ ହଜାର ୪୯୫ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ଏସବୁ ସହାୟତା ରାଶି ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଥିବା ବିଦ୍ୟାଳୟ ଗୁଡିକର ମଧ୍ୟାହ୍ନ ଭୋଜନ ଆକାଉଣ୍ଟକୁ ଯାଇଥିଲା। ସଂପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ଅଭିଭାବକଙ୍କଠାରୁ ପାସବକ୍ ସଂଗ୍ରହ କରି ଜମାଖାତା ନମ୍ବର ଓ ହିତାଧିକାରୀ ତାଲିକା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଦାଖଲ କରିଥିଲେ। ତେବେ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଯେଉଁ ହିତାଧିକାରୀଙ୍କ ଜମାଖାତା ସେହି ବ୍ୟାଙ୍କରେ ଥିଲା କେବଳ ସେମାନଙ୍କ ପାସ୍ ବୁକ୍‌କୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ବ୍ୟାଙ୍କ ଏହି ଅର୍ଥ ଦୀର୍ଘ ଦିନ ପକାଇ ରଖିବା ପରେ ଇଣ୍ଡିଆନ ଓ ଓଭରସିଜ୍ ବ୍ୟାଙ୍କ ଖାତାଗୁଡିକୁ ଟଙ୍କା ଟ୍ରାନ୍ସଫର ନ କରି ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଆଳରେ ଆଇଓବି ବ୍ୟାଙ୍କ ହିତାଧିକାରୀ ଙ୍କ ଚେକ୍ ସେଠାକୁ ପଠାଇବାକୁ କହୁଛି । ଆଇଓବିରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଆକାଉଣ୍ଟ ନ ଥିବାରୁ ଷ୍ଟେଟ ବ୍ୟାଙ୍କ ଚେକ୍ ଗ୍ରହଣ କରିବାକୁ ମନା କରୁଛି। ଶିକ୍ଷକମାନେ ଉଭୟ ବ୍ୟାଙ୍କକୁ ଧାଇଁ ଧାଇଁ ହତାଶ ହେଉଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ମଧ୍ୟାହ୍ନ ଭୋଜନର ଖର୍ଚ୍ଚର ୟୁସି ଦାଖଲ କରିବାକୁ ନିର୍ଦ୍ଦେଶ ଆସିଲାଣି। ୟୁସି ଦାଖଲ ନ କଲେ ଶିକ୍ଷକଙ୍କ ଦରମା ବନ୍ଦ କରାଯିବ। ସୂଚନାଯୋଗ୍ୟ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶାଖା ଏଠାରେ ପୁରୁଣା ବ୍ୟାଙ୍କ ହୋଇଥିବାରୁ ବ୍ଲକର ୭୦ ପ୍ରତିଶତ ଲୋକଙ୍କ ଜମା ଖାତା ଏଠାରେ ରହିଛି ।

**ସହାୟତା କରୁନି ବ୍ୟାଙ୍କ**
- ଧାର୍ଯ୍ୟ ସମୟରେ ୟୁସି ଦାଖଲ ନ କଲେ ହେବ ଶିକ୍ଷକଙ୍କ ଦରମା ବନ୍ଦ

## ବଣ୍ଡା ସମାଜକୁ ପ୍ରଶାସନ ଦେଲା ୧୦ ଡେସିମିଲ ଜାଗା


ବଣ୍ଡା ସମାଜକୁ ପ୍ରଶାସନ ପକ୍ଷରୁ ମିଳିଥିବା ଜାଗା।

ଖଇରପୁଟ,୨୪।୧୨(ଡି.ଏନ.ଏ.)

ବଣ୍ଡା ଜନଜାତିଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବଣ୍ଡା ସମାଜ ପକ୍ଷରୁ ସେମାନଙ୍କୁ ୧୦ ଡେସିମିଲ ଜାଗା ଯୋଗାଇ ଦେବାକୁ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲା। ତହସିଲଦାର ରାମକୃଷ୍ଣ ନାୟକ ଏହାକୁ ବିଚାର କରି ଖଇରପୁଟ ବ୍ଲକ ଅଧୀନ କଦମଗୁଡା ପଞ୍ଚାୟତର ପାଣ୍ଡ୍ରାଗୁଡା ଗାଁ ନିକଟରେ ୧୦ ସେଣ୍ଟ ଜାଗା ପ୍ରଦାନ କରିଛନ୍ତି। ବଣ୍ଡା ଜନଜାତିର ଶିକ୍ଷିତ ଯୁବତୀଯୁବକଙ୍କୁ ତାଲିମ ଦେବା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଲାଗି ଏକ ଜାଗାର ଆବଶ୍ୟକତା ଥିଲା। ଏହାକୁ ଗୁରୁତ୍ୱ ଦେଇ ତହସିଲଦାରଙ୍କୁ ଏକ ସରକାରୀ ଜାଗା ଯୋଗାଇ ଦେବାକୁ ସଙ୍ଗଠନର ସଭାପତି ସୁରେନ୍ଦ୍ର କୁମାର ନାୟକ, ସମ୍ପାଦକ ସୂର୍ଯ୍ୟ ଟିଂଗିଡ଼ି, ରଘୁ କିର୍ସାନୀ, ଲଛିମି କିର୍ସାନୀଙ୍କ ସମେତ ସଦସ୍ୟମାନେ ଅନୁରୋଧ କରିଥିଲେ। ତହସିଲଦାର ଏହାକୁ ବିଚାରକୁ ନେଇ ଉପରୋକ୍ତ ସ୍ଥାନରେ ଜାଗା ଦେଇଛନ୍ତି।

# କୋଟିପତି ଯନ୍ତ୍ରୀଙ୍କ ଘର, ଅଫିସ୍‌ରେ ଭିଜିଲାନ୍ସ ଚଢ଼ାଉ

ଗୁଣପୁର,୨୪।୧୨(ଡି.ଏନ୍.ଏ.)



ଉଦ୍ଧବ ପାଢ଼ୀଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରୁଛି।

ରାୟଗଡ଼ା ଜିଲା ଗୁଣପୁର ପୂର୍ତ୍ତ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଉଦ୍ଧବ ପାଢୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଥିଲା। ଗୁରୁବାର ତାଙ୍କ ସରକାରୀ ବାସଭବନ, କାର୍ଯ୍ୟାଳୟ ଏବଂ ବ୍ରହ୍ମପୁରସ୍ଥିତ ନିଜ ଘରେ ଭିଜିଲାନ୍ସ ଚଢାଉ କରାଯାଇଥିଲା। ଗୁଣପୁରଠାରେ ହୋଇଥିବା ଚଢାଉରେ କୌଣସି ତଥ୍ୟ କିମ୍ବା ଜିନିଷ ମିଳି ନ ଥିଲା। କିନ୍ତୁ ବ୍ରହ୍ମପୁରରୁ ବ୍ୟାପକ ପରିମାଣର ସମ୍ପତ୍ତି ଠାବ ହୋଇଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ହେନେରି କୁଲୁ ସୂଚନା ଦେଇଛନ୍ତି। ବ୍ରହ୍ମପୁରରୁ ୧୦ରୁ ୧୫ଟି ପ୍ଲଟ, ତିନି ମହଲା କୋଠାଘର, ସୋରଡାରେ କ୍ରଶର ମେଶିନ ସହ ତାଙ୍କ ନିକଟରୁ ଅଢେଇ ଲକ୍ଷ ଟଙ୍କା ଜବତ ହୋଇଥିବା ଡିଏସ୍‌ପି କୁଲୁ କହିଛନ୍ତି। ଏହିସବୁ ସମ୍ପତ୍ତି ଉଦ୍ଧବଙ୍କ ସହ ତାଙ୍କ ସ୍ତ୍ରୀ ଓ ପୁଅଙ୍କ ନାମରେ ରହିଛି। ସମସ୍ତ ସମ୍ପତ୍ତି ଆକଳନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡିଏସ୍‌ପି କୁଲୁ କହିଛନ୍ତି।

ସୂଚନା ଅନୁଯାୟୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଥିବା ପାଢୀ ଗତ ୧୫ ତାରିଖରେ ପଦୋନ୍ନତି ପାଇ ଉପ ନିର୍ବାହୀ ଯନ୍ତ୍ରୀ ହୋଇଥିଲେ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଥିଲା। ଏହାପରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥିଲା। ଗୁରୁବାର ଛୁଟି ଥିବାରୁ ଯନ୍ତ୍ରୀ ପାଢୀ ନିଜ ଘର ବ୍ରହ୍ମପୁରକୁ ଯାଇଥିଲେ। ସେହି ସମୟରେ ସେଠାରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ଭିଜିଲାନ୍ସର ଏକ ଟିମ୍ ଗୁଣପୁର ଆସିଥିଲେ। ଯନ୍ତ୍ରୀ ପାଢ଼ି ଗୁଣପୁରରେ ନ ଥିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ସେଠାରେ ଅପେକ୍ଷା କରି ରହିଥିଲା। ଭିଜିଲାନ୍ସ ପକ୍ଷରୁ ବ୍ରହ୍ମପୁରରେ ଚଢାଉ ସରିବା ପରେ ପାଢୀଙ୍କୁ ଗୁଣପୁରକୁ ଅଣାଯାଇଥିଲା। ପରେ ଗୁଣପୁରଠାରେ ତାଙ୍କର କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନରେ ଯାଞ୍ଚ କରାଯାଇଥିଲା। କିନ୍ତୁ ସେଠାରୁ କୌଣସି ତଥ୍ୟ କିମ୍ବା ଜିନିଷ ଭିଜିଲାନ୍ସର ହସ୍ତଗତ ହୋଇ ନ ଥିଲା। ଡିଏସ୍‌ପି କୁଲୁଙ୍କ ନେତୃତ୍ୱରେ ଆସିଥିବା ଟିମ୍‌କୁ ଗଜପତି ଭିଜିଲାନ୍ସ ଦଳ ସହଯୋଗ କରିଥିଲେ।

- ବ୍ରହ୍ମପୁରରେ ୧୦ରୁ ୧୫ଟି ପ୍ଲଟ, ତିନି ମହଲା କୋଠା, ସୋରଡାରେ କ୍ରଶର ମେଶିନ ଠାବ
- ଅଢ଼େଇ ଲକ୍ଷ ଟଙ୍କା ଜବତ

## ମା' ଧନଲକ୍ଷ୍ମୀଙ୍କ ପୂଜା

ବିଷମକଟକ, ୨୪।୧୨

ବିଷମକଟକ ସଦର ମହକୁମା ଗୁଣ୍ଡିଚାମନ୍ଦିର ନିକଟ ଅସ୍ଥାୟୀ ମଣ୍ଡପରେ ମା' ଧନଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଇ ନିରାଡମ୍ବରଭାବେ ମା'ଙ୍କ ପୂଜା ହୋଇଛି। ବୁଧବାର ଗଙ୍ଗା ଆବାହନ କରାଯାଇଥିବାବେଳେ ଗୁରୁବାର କେଶବ ରଥ,ରାମ ରଥ, ସପନ ରଥଙ୍କ ଦ୍ୱାରା ମା'ଙ୍କ ପୂଜା କରାଯାଇଛି। ପୂଜା ସରିବା ପରେ ସାମାଜିକ ଦୂରତା ରଖି ମାସ୍କ ପିନ୍ଧି ଭକ୍ତ ମା'ଙ୍କ ଦର୍ଶନ କରିଥିଲେ। ରବିବାର ମା'ଙ୍କୁ ବିସର୍ଜନ କରାଯିବ। ପୂଜା କମିଟି ସଦସ୍ୟ ଅଶ୍ୱିନି ରାଉତ,ପିଣ୍ଟୁ ସୁଙ୍କାରି, ଶଶାଙ୍କ ସାହୁ, କୁଞ୍ଜ ରାଉତ, ଦିଲ୍ଲୀପ ମହାରଣା, ଜଗା ପାତ୍ର, ପି.ହର୍ଷ ମିଶ୍ର, ମନୋଜ ପାତ୍ର, ଅଚ୍ୟୁତ ମହାନ୍ତି, ଭେଙ୍କଟେ ରାବଣା, ବିପିନ ସାହୁ, ପ୍ରଭାକର ଧଳ, ତପନ ମହାନ୍ତି ସହଯୋଗ କରିଥିଲେ।

## କୃଷି ଫାର୍ମରୁ ଚୋରି ଘଟଣାର ତଦନ୍ତ କଲେ ଅଧିକାରୀ

ଉମରକୋଟ, ୨୪।୧୨(ସ୍ୱ.ପ୍ର.)

ଉମରକୋଟ କୃଷି ଫାର୍ମରେ ପଡିଥିବା ପ୍ଲେଟକୁ ସ୍ଥାନୀୟ ଲୋକେ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ଦାୟିତ୍ୱରେ ଥିବା ଅଧିକାରୀ ନୀଳକଣ୍ଠ ପରିଡା ଘଟଣାର ତଦନ୍ତ କରିଛନ୍ତି। ସେ ନିକଟସ୍ଥ ଗାଁକୁ ଯାଇ ଲୋକଙ୍କ ଘରେ ଚୋରି ପ୍ଲେଟ ଲାଗିଥିବା ଦେଖି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଯାହାଘରେ ଫାର୍ମର ପ୍ଲେଟ ଅଛି ତୁରନ୍ତ ସେ ସବୁକୁ ଫେରାଇବାକୁ ସେ ଲୋକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ରାତିରେ କେତେଜଣ ଦୁର୍ବୃତ୍ତ କଂକ୍ରିଟ ପ୍ଲେଟ ଚୋରି କରି ନେବା ବିଷୟରେ ଫାର୍ମର ଜଣେ ଅଧିକାରୀ ଧନୁ ଖୋସଲା ଫୋନ ଯୋଗେ ନୀଳକଣ୍ଠଙ୍କୁ ଜଣାଇଥିଲେ। ଗୁରୁବାର ସକାଳୁ ୫୨ ନମ୍ବର ଗ୍ରାମକୁ ଯାଇ ସେ ଏହି ବିଷୟରେ ଖୋଳତାଡ଼ କରିଥିଲେ। ଅଧିକାଂଶ ଲୋକଙ୍କ ଘରେ ଫାର୍ମର କଂକ୍ରିଟ ପ୍ଲେଟ ଲାଗିଥିବା ଦେଖି ସେ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବଳକା ପ୍ଲେଟ୍‌କୁ ଫେରାଇବାକୁ ସେ କହିଥିଲେ। ଅଧିକାରୀଙ୍କ କଥା କୁ ମାନି ଗ୍ରାମବାସୀ ତାହା ଫେରାଇବାକୁ ରାଜି ହୋଇଛନ୍ତି। ଏ ଯାଏ ଥାନରେ କୌଣସି ମାମଲା ହୋଇନାହିଁ। ଗ୍ରାମବାସୀ ପ୍ଲେଟ ସବୁ ନ ଫେରାଇଲେ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନୀଳକଣ୍ଠ କହିଛନ୍ତି।

## ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଚିତ୍ରକୋଣ୍ଡା,୨୪।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ବୁଧବାର ରାତିରେ ୫କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ବ୍ୟବହୃତ ଗୋଟିଏ ମହିନ୍ଦ୍ରା ବୋଲୋରୋ, ନଗଦ ୧ ଲକ୍ଷ ଦୁଇ ହଜାର ୫୮୦ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ କହିଛନ୍ତି। ଗିରଫ ୨ ଅଭିଯୁକ୍ତ ହେଲେ ଅଜୟ କୁମାର(୨୫) ଓ ବିକ୍ରମ ଆଦିତ୍ୟ (୨୨)। ବୁଧବାର ରାତିରେ ଚିତ୍ରକୋଣ୍ଡା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଗୁମ୍ଫାୱାଡାରୁ ସିଲେରୁରୋଡ଼ ହଂସାଗୁଡ଼ା ପୋଲ ପାଖରେ ଏକ ମହିନ୍ଦ୍ରା ବୋଲୋରୋ (ଓଡି ୦୫ ଜି-୩୨୦୨) ଛିଡା ହୋଇଥିବା ଦେଖି ସନ୍ଦେହରେ ଖାନତଲାସ କରିଥିଲେ। ଫଳରେ ୨୦ଟି ବ୍ୟାଗରେ ଗଞ୍ଜେଇ ଥିବା ଦେଖି ପୋଲିସ ଏହାକୁ ଜବତ କରି ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ୨୦ଟି ବ୍ୟାଗରୁ ପ୍ରାୟ ୫ କୁଇଣ୍ଟାଲ ଊର୍ଦ୍ଧ୍ୱ ଗଞ୍ଜେଇ ମିଳିଛି। ଏହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଚିତ୍ରକୋଣ୍ଡା ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି। କେସ୍ ନଂ.୧୬୦/୨୦ ଅନୁଯାୟୀ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ଗ୍ରାମବାସୀ ତିଆରି କଲେ ନଦୀ ଉପରେ ରାସ୍ତା

କୁନ୍ଦୁରା,୨୪।୧୨(ଡି.ଏନ.ଏ.)


ଗ୍ରାମବାସୀ ନଦୀ ଉପରେ ପୋଲ ନିର୍ମାଣ କରୁଛନ୍ତି।

ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିଲା କୁଲୁ ନଦୀ। ପ୍ରତ୍ୟହ ବିଭିନ୍ନ କାର୍ଯ୍ୟରେ ଗ୍ରାମ ବାହାରକୁ ଯିବାକୁ ହେଲେ ନଦୀପାରହୋଇ ଯିବାକୁ ପଡୁଥିଲା ସେମାନଙ୍କୁ। ନଦୀରେ ପୋଲଟିଏ ନିର୍ମାଣ ପାଇଁ ଅନେକ ଥର ପ୍ରଶାସନ ନିକଟରେ ଜଣାଇଥିଲେ ମଧ କିଛି ସୁଫଳ ମିଳିଲାନି। ଶେଷରେ ଗ୍ରାମବାସୀ ନିଜ ଖର୍ଚ୍ଚରେ ନଦୀ ଉପରେ ପୋଲ ନିର୍ମାଣ କରିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ। ବାନ୍ଧିଆଗୁଡ଼ା ଓ କସମଗୁଡ଼ା ଗ୍ରାମବାସୀ ପୋକ୍‌ଲିନ ଭଡ଼ାରେ ଆଣି ନଦୀରେ ହ୍ୟୁମ୍‌ପାଇପ ପକାଇ ତିଆରି କରିଛନ୍ତି ରାସ୍ତା। ଲିମା ପଞ୍ଚାୟତ ଅଧୀନରେ ଥିବା ବାନ୍ଧିଆଗୁଡ଼ା ଓ କମସଗୁଡ଼ା ଗ୍ରାମ ମଝିରେ ପ୍ରବାହିତ ହେଉଛି କୁଲୁ ନଦୀ। ପଞ୍ଚାୟତ କାର୍ଯ୍ୟାଳୟକୁ ରାଶନ ସାମଗ୍ରୀ ଆଣିବାକୁ ଯିବା ସେମାନଙ୍କ ପାଇଁ ହୋଇପଡୁଥିଲା କଷ୍ଟକର। ନଦୀରେ ପୋଲଟିଏ କରିବା ଲାଗି ଅନେକ ଥର ପ୍ରଶାସନକୁ ଏବଂ ଜନପ୍ରତିନିଧିଙ୍କୁ ଜଣାଇ କିଛି ସୁଫଳ ନ ମିଳିବାରୁ ନିଜେ ନଦୀ ଉପରେ ପୋଲ ନିର୍ମାଣ ଲାଗି ନିଷ୍ପତ୍ତି ନେଇ ଏକାଠି ହୋଇଥିଲେ ଗ୍ରାମବାସୀ। ଅସନା, କେରିମେଟି ଓ ଫୁଲଭଟା ଗ୍ରାମବାସୀ ନିର୍ଭର କରୁଥିଲେ ଏହି ନଦୀ ରାସ୍ତା ଉପରେ। ମାଲକାନଗିରି, ଗୁପ୍ତେଶ୍ୱର ଓ ବୈପାରିଗୁଡ଼ା ଯିବାକୁ ହେଲେ ସେମାନେ ଉକ୍ତ ରାସ୍ତା ଉପରେ ମଧ ନିର୍ଭର କରୁଥିଲେ। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶେଷରେ ସେମାନେ ଏକାଠି ହୋଇ ପୋଲ ନିର୍ମାଣ କରିଛନ୍ତି।

## ନାଚ ଗୀତ ମାଧ୍ୟମରେ ସଚେତନ କରିବା ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଇଘର, ୨୪।୧୨(ଡି.ଏନ୍.ଏ.)

ଭାରତ ସରକାରଙ୍କ ପକ୍ଷରୁ ରକ୍ତହୀନତା ମୁକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ଝରିଗାଁ, ନନ୍ଦାହାଣ୍ଡି ଓ ରାଇଘର ବ୍ଲକକୁ ସାମିଲ କରାଯାଇଛି। ପ୍ରଥମେ ପାଇଲଟ ପ୍ରକଳ୍ପ ଭାବେ ରାଇଘର ବ୍ଲକର ତପନ କଲ୍ୟାଣ ମଣ୍ଡପରେ ଏହାର ଶୁଭାରମ୍ଭ କରାଯାଇଛି। ରାଇଘର ବ୍ଲକରେ ୮୭% କିଶୋରୀ ବାଳିକା(୧୦-୧୯ ବର୍ଷ ) ଓ ଗର୍ଭବତୀ ଓ ପ୍ରସୂତି ମହିଳା ରକ୍ତ ହୀନତାର ଶିକାର ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ବ୍ଲକର ୧୩,୯୫୨ କିଶୋରୀ, ୨୦୩୮ ଗର୍ଭବତୀ ଓ ୧୮୬୩ ଜଣ ପ୍ରସୂତି ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମର ଅବଧି ୨ ବର୍ଷ ରହିଛି।

କିଶୋରୀଙ୍କ ଠାରେ ଲୋହିତ ରକ୍ତ କଣିକାର ପରିମାଣ ବୃଦ୍ଧି, ମାତୃ ମୃତ୍ୟୁହାର କମ, କମ୍ ଓଜନ ଓ ସମୟ ପୂର୍ବରୁ ଜନ୍ମିତ ଶିଶୁଙ୍କ ମୃତ୍ୟୁ ହାର କମ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା, ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଦିଆଯିବ। ରକ୍ତ ହୀନତା ପରିଚାଳନା ପାଇଁ ସଚେତନତା ସୃଷ୍ଟି, ବାଲ୍ୟ ବିବାହ ରୋକିବାକୁ ନାଚ ଓ ଗୀତ ମାଧ୍ୟମରେ ସଚେତନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ଏହି କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରୁ ସଫଳ କରିବାକୁ ଶପଥପାଠ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲାପାଳ ଡକ୍ଟର ଅଜିତ କୁମାର ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢୀ, ବିଡିଓ ଯୁଧିଷ୍ଠୀର ନାୟକ, ବ୍ଲକ ଅଧକ୍ଷା ବିନୋ ଗଣ୍ଡ, ସରପଞ୍ଚ ସାତବାଇ ଗଣ୍ଡ, ଶିଶୁ ବିକାଶ ଅଧିକାରୀ ସୁତପା ଚୌଧୁରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମେହର ନିଶା ବେଗମ, ଭାରପ୍ରାପ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟଧିକାରୀ ମଳୟ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ପ୍ରୋଗାମ ମ୍ୟାନେଜର ସୁଶାନ୍ତ ପ୍ରହରାଜ, ମେଡିକାଲ ଅଫିସର ସତ୍ୟ ରଞ୍ଜନ ସାହୁ, ହନୁମନ୍ତ ମାଝି, ସୁପରଭାଇଜର ଏମ୍ ରାମକୃଷ୍ଣ ରାଜୁ ପରିଚାଳନା କରିଥିଲେ।

**ରକ୍ତହୀନତା ମୁକ୍ତ ବ୍ଲକ କାର୍ଯ୍ୟକ୍ରମର ଶୁଭାରମ୍ଭ**

# ଉତ୍ପାଦ ବିକ୍ରିର ୩ ଦିନରେ ମିଳିବ ପ୍ରାପ୍ୟ

ନବରଙ୍ଗପୁର,୨୪।୧୨(ବି.ପ୍ର.)

**କୃଷି ଆଇନ ସପକ୍ଷରେ ଭାଜପାର ଖବରଦାତା ସମ୍ମିଳନୀ**

କେନ୍ଦ୍ର ସରକାର କୃଷକଙ୍କ ଲାଭ ଓ ହିତ ପାଇଁ ନୂତନ କୃଷି ବିଲ୍ ପ୍ରଣୟନ କରିଛନ୍ତି। କୃଷି ଉତ୍ପାଦ ଓ ବିକ୍ରିକୁ କଂଗ୍ରେସ ସମେତ ଅନ୍ୟ ଦଳ ବିରୋଧକରି ଭୋଟ ଏଜେଣ୍ଟଭାବେ ସେମାନେ ଚାଷୀଙ୍କୁ ବ୍ୟବହାର କରୁଛନ୍ତି। ସରକାରଙ୍କ ନିକଟରେ ଅଣପଞ୍ଜୀକୃତ ଠିକା ଚାଷୀ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଭଳି ଆନ୍ଦୋଳନ କରୁଛନ୍ତି। ଏମ୍‌ଏସ୍‌ପିରୁ କମ୍ ଦରରେ ଧାନ ବିକି ଠିକାଚାଷୀମାନେ ଯେଉଁ ମୁନାଫା ପାଉଥିଲେ ବର୍ତ୍ତମାନର କୃଷି ଆଇନ ଦ୍ୱାରା ତାହା ବନ୍ଦ ହୋଇଯିବ। କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଦ୍ୱାରା ଚାଷୀଙ୍କର କେବଳ ଲାଭ ହେବ ବୋଲି ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଇଂ. ବଳଭଦ୍ର ମାଝି କହିଛନ୍ତି।

ଚାଷୀ ଉତ୍ପାଦ ଦ୍ରବ୍ୟକୁ ବିଭିନ୍ନ ଶିଳ୍ପ, ପାନ୍‌କାର୍ଡ ବ୍ୟକ୍ତିବିଶେଷ ଓ ଅନ୍ୟ ଠିକା ଚାଷୀଙ୍କୁ ଏମ୍‌ଏସ୍‌ପିରୁ ଅଧିକ ଦରରେ ବିକ୍ରି କରିପାରିବେ। ଏହାର ୩ଦିନ ମଧ୍ୟରେ ଚାଷୀ ପ୍ରାପ୍ୟ ପାଇପାରିବେ। ଏଥିରେ ଖିଲାପ ହେଲେ ଉତ୍ପାଦ କିଣିଥିବା ବ୍ୟକ୍ତି ଅର୍ଥ ଦଣ୍ଡ ଭୋଗିବେ। ବିକ୍ରି ପରେ ଚାଷୀ ତାହାର ପ୍ରାପ୍ୟ ନ ପାଇଲେ ଆଇନର ସହାୟତା ନେଇପାରିବେ। ଏବେ ଚାଷୀଙ୍କୁ ଆର୍‌ଏମ୍‌ସିଗୁଡ଼ିକରେ କିଛି ଫି ଦେବାକୁ ପଡୁଛି। ନୂଆ କୃଷି ଆଇନରେ ତାହା ଦେବାକୁ ମଧ ପଡିବ ନାହିଁ। ଚାଷୀଙ୍କ ଉତ୍ପାଦ ବିକ୍ରି ପାଇଁ ଏହା ଏକ ସରଳୀକରଣ ଆଇନ ବୋଲି ପୂର୍ବତନ ଏମ୍‌ପି ମାଝି କହିଛନ୍ତି। କଂଗ୍ରେସ ସମୟରେ ଧାନ କୁଇଣ୍ଟାଲ ପିଛା ୧୨ଶହ ଟଙ୍କା ଥିଲା। ଭାଜପା ସରକାର ଆସିବା ୬ ବର୍ଷ ମଧ୍ୟରେ ତାହା ୧୮୬୮ଟଙ୍କା ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକ ଭଳି ବୋନସ ବ୍ୟବସ୍ଥା କରି ରାଜ୍ୟ ସରକାର ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ ଶହ ଟଙ୍କା ବୋନସ ଦିଅନ୍ତୁ ବୋଲି ଯୁବନେତା ଗୌରୀ ଶଙ୍କର ମାଝି ଦାବି କରିଛନ୍ତି। ନବରଙ୍ଗପୁର ଜିଲା ଏକ କୃଷିଭିତ୍ତିକ ଓ ଅଣ ଜଳସେଚିତ ଜିଲା ଭାବେ ପରିଗଣିତ। ଚାଷୀ ଗଭୀର ନଳକୂପ ପାଇଁ ନଭେମ୍ବରରୁ ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ ବୋଲି ସରକାର ନିୟମ କରିଥିଲେ ସୁଦ୍ଧା ଗତ ୫ଦିନ ହେବ ଅନ୍‌ଲାଇନ ଆବେଦନକୁ ବନ୍ଦ କରିଦିଆଯାଇଛି । ଏବେ ଚାଷୀ ଧାନ ଅମଳ ପରେ ବିକ୍ରି କରିବାରେ ବ୍ୟସ୍ତ। ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଆବେଦନକୁ ବନ୍ଦ କରିଦିଆଯିବାରୁ ଚାଷୀଙ୍କ ଉନ୍ନତି ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପୂଜାରୀ, ନଗର ସଭାପତି ପିଣ୍ଟୁ ମିଶ୍ର, ମିଡିଆ ସେଲ୍ ଜିଲା ସଂଯୋଜକ ଦୈତାରି ମାଝି ଏବଂ ମନୋଜ ମହାକୁଡ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

# ବିପତ୍ତି ବିପର୍ଯ୍ୟୟ

ବିପର୍ଯ୍ୟୟ କେବେ ପ୍ରାକୃତିକ ତ ପୁଣି କେତେବେଳେ କୃତ୍ରିମ । ପ୍ରକୃତିର ନିୟମକୁ ଉଲ୍ଲଂଘନ କଲେ ସହିବାକୁ ପଡ଼େ ନିୟତିର କରାଳ କୋପ । ବିଦାୟୀ ୨୦୨୦ ମାନବ ଜାତି ପାଇଁ ଥିଲା ବିପର୍ଯ୍ୟୟର ବର୍ଷ । କେବଳ ମଣିଷ ନୁହନ୍ତି, ଜୀବଜନ୍ତୁ ମଧ୍ୟ ସହିଛନ୍ତି ଅସହ୍ୟ ଯନ୍ତ୍ରଣା । କେଉଁଠି ଘାତକ ଜଙ୍ଗଲୀ ନିଆଁ ତ ପୁଣି କେଉଁଠାରେ ନଦୀର ଉଚ୍ଛୁଳା ବନ୍ୟା ନେଇଛି ଅସଂଖ୍ୟ ଜୀବନ । ଭୂକମ୍ପ, ଭୂସ୍ଖଳନ, ହିମସ୍ଖଳନ, ଜାହାଜ ବୁଡ଼ି, ପଙ୍ଗପାଳ ଦୌରାତ୍ମ୍ୟ, ତିମି ଓ ହାତୀ ମଡ଼କ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ଏବର୍ଷର ଚର୍ଚ୍ଚିତ ବିପତ୍ତି । ଆଗ୍ନେୟଗିରି ଲାଭା ଓକାଳିବାଠାରୁ ସମୁଦ୍ରର ସୁନାମି ସବୁକିଛି ବିସ୍ଥାପନ ଓ ବିପନ୍ନ କରିବା ଉଦ୍ଦେଶ୍ୟରେ ସତେ ଯେମିତି ଗଣି ଗଣି ପ୍ରତିଶୋଧ । ସବୁଠୁ ଘାତକ ହୋଇଛି ମହାମାରୀ କରୋନା । ଟିକାର ଆଶା ଆଶ୍ୱାସନା ଭିତରେ ସାରା ବିଶ୍ୱ ଲଢୁଛି ଆଉ ଏକ ବିଶ୍ୱଯୁଦ୍ଧ, ଯେଉଁଠି ପ୍ରତିପକ୍ଷ କେବଳ ଗୋଟିଏ ଅଦୃଶ୍ୟ ଭୂତାଣୁ । ସମସ୍ତେ ଶଙ୍କିତ, ଆତଙ୍କିତ... ।



## ଇଣ୍ଡୋନେସିଆ ବନ୍ୟା

ଜାନୁୟାରୀ ୧ ତାରିଖ ଭୋର ସମୟରେ ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାକୁ ବୁଡ଼ାଇ ଦେଇଥିଲା ସିଲିୱୁଙ୍ଗ ଓ ସିସାଡେନ୍ ନଈର ଉଚ୍ଛୁଳା ବନ୍ୟା । ଏଥିରେ ୪ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ ଓ ୬୬ ଜଣଙ୍କ ମୃତ୍ୟୁ ଘଟିଥିଲା । ଲଗାଣ ବର୍ଷାଜନିତ ଭୂସ୍ଖଳନ ବିଧ୍ୱଂସର ବିଭୀଷିକା ଦେଖାଇଥିଲା ।

## ଜଳ ପ୍ରଳୟ

ମେ ମାସରେ ବ୍ରହ୍ମପୁତ୍ର ଓ ଏହାର ଶାଖାନଦୀଗୁଡ଼ିକରେ ବନ୍ୟା ଆସାମକୁ ଜଳମଗ୍ନ କରିଦେଇଥିଲା । ୩୩ ଜିଲାର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏଥିରେ ପ୍ରଭାବିତ ହୋଇଥିଲେ । ୫ ଜିଲାରେ ଫସଲ ନଷ୍ଟ ହୋଇଯାଇଥିଲା । ଅକ୍ଟୋବର ବେଳକୁ ବନ୍ୟା ୫ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥିବାବେଳେ ୧୨୩ ଜଣଙ୍କ ଜୀବନ ନେଇଥିଲା । ଭୂସ୍ଖଳନ ଯୋଗୁ ଅନ୍ୟ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା । ରିଲିଫ୍ କ୍ୟାମ୍ପଗୁଡ଼ିକରେ ଲକ୍ଷ ଲକ୍ଷ ଲୋକ ଆଶ୍ରୟ ନେଇଥିଲେ । କାଜିରଙ୍ଗା ଜାତୀୟ ଉଦ୍ୟାନର ୯୦% ଜଳମଗ୍ନ ହୋଇଯିବାରୁ ଗଣ୍ଡା ସମେତ ବହୁ ବିରଳ ବନ୍ୟପ୍ରାଣୀଙ୍କ ସଲିଳ ସମାଧି ହୋଇଥିଲା ।





## ୪୨ କର୍ମଚାରୀ, ୫୮୦୦ ଗାଈ ବୁଡ଼ିଗଲେ

ସେପ୍ଟେମ୍ବର ୩ରେ ୫,୮୦୦ ଗାଈ ଓ ୪୨ କର୍ମଚାରୀଙ୍କୁ ନ୍ୟୁଜିଲାଣ୍ଡରୁ ନେଇ ଚାଇନାର ତଙ୍ଗଶାନ ଅଭିମୁଖେ ଯାଉଥିବା ପାନାମାର ଏକ ଜାହାଜ ଜାପାନ ଉପକୂଳରେ ବୁଡ଼ିଯାଇଥିଲା । ମେସାକ୍ ଝଡ଼ ଓ ତଦ୍‌ଜନିତ ପ୍ରବଳ ବର୍ଷା ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ଜାହାଜଟି ବୁଡ଼ିଯାଇଥିବା କୁହାଯାଇଥିଲା । ଜାପାନ ତଟରକ୍ଷୀ ବାହିନୀ ଜଣେ ମାତ୍ର କ୍ରିଉ ମେମ୍ବରଙ୍କୁ ଲାଇଫ୍ ଶେଭିଂ ଜ୍ୟାକେଟ ପିନ୍ଧାଇ ଏକ ପାଟ୍ରୋଲିଂ ବୋଟ୍ ଜରିଆରେ ବଞ୍ଚାଇ ପାରିଥିଲେ । ବର୍ତ୍ତିଯାଇଥିବା ଉକ୍ତ ଜାହାଜର ଚିଫ୍ ଅଫିସର ୪୫ ବର୍ଷୀୟ ଏଡୁଆର୍ଡୋ ସେନେରୋ କହିଥିଲେ, ଜାହାଜର ଇଞ୍ଜିନ ହଠାତ୍ ବନ୍ଦ ହୋଇଯିବା ପରେ ସମୁଦ୍ରର ଢେଉ ତା' ଉପରକୁ ମାଡ଼ିଆସିଥିଲା । ଫଳରେ ଜାହାଜଟି ବୁଡ଼ିଯାଇଥିଲା ।



## ଜଳିଗଲା ଅଷ୍ଟ୍ରେଲିଆ ଜଙ୍ଗଲ

୨୦୧୯ ଗ୍ରୀଷ୍ମରେ ଅଷ୍ଟ୍ରେଲିଆକୁ ଅନାବୃଷ୍ଟି ଆଣିଥିଲା ଜଙ୍ଗଲୀ ନିଆଁ । 'ବ୍ଲାକ୍ ସମର'ର ଏହି ବନାଗ୍ନି ଅକ୍ଟୋବର-ଡିସେମ୍ବର ବେଳକୁ ଭୟାବହ ରୂପ ଧାରଣ କରି ଚତୁର୍ଦ୍ଦିଗକୁ ଚହଟିଥିଲା । ବିଶ୍ୱ ନୂଆବର୍ଷ ପାଳନ କରୁଥିବାବେଳେ ଅଷ୍ଟ୍ରେଲିଆ ବିପତ୍ତିକୁ ସାମ୍ନା କରୁଥିଲା । ୨୦୨୦ ଜାନୁୟାରୀରେ କୁଇନ୍ସଲାଣ୍ଡ ଓ ନ୍ୟୁ ସାଉଥ୍ ୱେଲ୍ସ ସମେତ ଅନେକ ରାଜ୍ୟରେ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଥିଲା । ୧୮.୬ ନିୟୁତ ହେକ୍ଟର ଜମି ସହ ଲକ୍ଷ ଲକ୍ଷ ଗଛ ଜଳିଯାଇଥିବାବେଳେ ୯,୦୦୦ କୋଠା ଓ ଘର ପାଉଁଶ ହୋଇଯାଇଥିଲା । କ୍ଷତିର ପରିମାଣ ଥିଲା ୧୦୩ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ । ଏହାସହ ୪୩୪ ଲୋକଙ୍କ ଜୀବନ ଚାଲିଯିବା ଥିଲା ଏବର୍ଷର ଅନ୍ୟତମ ବୃହତ୍ ବିପର୍ଯ୍ୟୟ ।



## ନିଆଁ ଆଁରେ ଅମାଜନ

ଆମାଜନ ଚିରହରିତ୍ ଜଙ୍ଗଲର ନିଆଁ ବ୍ରାଜିଲର ଅର୍ଥନୀତିକୁ ପ୍ରଭାବିତ କରିଥିଲା । କେବଳ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ୪୪ ହଜାରରୁ ଅଧିକ ଥର ଅଗ୍ନିକାଣ୍ଡ ଘଟିଥିଲା । ସେପ୍ଟେମ୍ବର ୧୫ରେ ଏହା ୬,୦୮୭ ବର୍ଗ କି.ମି. ବିସ୍ତୃତ ଅଞ୍ଚଳକୁ ବ୍ୟାପିଥିଲା, ଯାହାକି ପୂର୍ବ ୬ ବର୍ଷର ବନାଗ୍ନି ସହ ସମାନ । ଜାଗୁଆର ଭଳି ଅନେକ ଜୀବଜନ୍ତୁ ଜଳିଯାଇଥିଲେ । କୋଭିଡ୍-୧୯ ସହ ଜୁଝୁଥିବା ବ୍ରାଜିଲ ଉପରେ ଜଙ୍ଗଲୀ ନିଆଁ କୋରଡ଼ା ମାଡ଼ଠାରୁ କିଛି କମ୍ ନ ଥିଲା । ନିଆଁକୁ ଆୟତ୍ତ କରିବାରେ ରାଷ୍ଟ୍ରପତି ଜୈର୍ ବୋଲସୋନାରୋଙ୍କ ବିଫଳତାକୁ ଚାରିଆଡ଼େ ସମାଲୋଚନା କରାଯାଇଥିଲା । ବିଶ୍ୱତାପନରୁ ବିଶ୍ୱକୁ ସୁରକ୍ଷା ଦେବାର ସାମର୍ଥ୍ୟ ରଖୁଥିବା ଏହି ଚର୍ଚ୍ଚିତ ଜଙ୍ଗଲ ଏବେ ଶ୍ରୀହିନ ହୋଇପଡ଼ିଛି ।

## ଦାଦନଙ୍କ ଉପରେ ଟ୍ରେନ୍ ମାଡ଼ିଗଲା

ମେ ୮ ତାରିଖ ଭୋର ୫ଟାରେ ମହାରାଷ୍ଟ୍ରର ଔରଙ୍ଗାବାଦ ନିକଟସ୍ଥ ସତାନା ଗ୍ରାମ ଦେଇ ଯାଇଥିବା ରେଳଲାଇନରେ ୨୦ ଦାଦନ ଶ୍ରମିକ ଶୋଇଥିବାବେଳେ ଏକ ମାଲବାହୀ ଟ୍ରେନ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା । ଏହି ଦୁର୍ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା । ଚିତ୍କାର ଶୁଣି ଅନ୍ୟ ୪ ଜଣ ଟ୍ରାକ୍ ବାହାରକୁ ଡେଇଁପଡ଼ିବାରୁ ବଞ୍ଚିଯାଇଥିଲେ । ସେମାନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମୃତକଙ୍କ ଖଣ୍ଡବିଖଣ୍ଡିତ ଶରୀର ରେଳଧାରଣାରୁ କିଛି ଦୂର ପର୍ଯ୍ୟନ୍ତ ଛିଟିକି ପଡ଼ିଥିଲା । ଟ୍ରାକ୍‌ରେ ରକ୍ତ ଜୁଡୁବୁଡୁ ରୁଟି, ଚିରା ଟଙ୍କା, ପୋଷାକ ଓ ଅନ୍ୟ ସାମଗ୍ରୀ ଛିନ୍‌ଛତ୍ର ହୋଇ ପଡ଼ିଥିବାର ହୃଦୟ ବିଦାରକ ଦୃଶ୍ୟ ବିଚଳିତ କରିଥିଲା । ଲକ୍‌ଡାଉନ୍ ଯୋଗୁ ମହାରାଷ୍ଟ୍ରର ଜଲନା ଷ୍ଟିଲ୍ ଫ୍ୟାକ୍ଟ୍ରି ବନ୍ଦ ହୋଇଯିବାରୁ କାମଧନ୍ଦା ହରାଇ ମଧ୍ୟପ୍ରଦେଶର ଭୁସାୱଲକୁ ସେମାନେ ଫେରୁଥିଲେ । ୪୦ କି.ମି. ଚାଲିବା ପରେ କ୍ଳାନ୍ତ ହୋଇ ଶ୍ରମିକମାନେ ରେଳଧାରଣା ଉପରେ ଶୋଇଯାଇଥିଲେ । ଭାବିଥିଲେ ଲକ୍‌ଡାଉନ ଚାଲିଛି, ଟ୍ରେନ୍ ଆସିବ ନାହିଁ ।



## ରହସ୍ୟରେ ତିମି ମୃତ୍ୟୁ

ନଭେମ୍ବର ଶେଷରେ ନ୍ୟୁଜିଲାଣ୍ଡ ପୂର୍ବ ଉପକୂଳଠାରୁ ପ୍ରାୟ ୮୦୦ କି.ମି. ଦୂର ଚାଥମ୍ ଆଇଲାଣ୍ଡରେ ୧୦୦ ବଟଲନେକ୍ ତିମିଙ୍କ ମୃତ୍ୟୁ ଘଟିଥିଲା । ଜୀବିତ ଥିବା ଅଧିକାଂଶ ତିମି ଦୁର୍ବଳ ହୋଇପଡ଼ିଥିବା ନ୍ୟୁଜିଲାଣ୍ଡ ସଂରକ୍ଷଣ ବିଭାଗ ପକ୍ଷରୁ କୁହାଯାଇଥିଲା । ଚାଥମ୍ ଦ୍ୱୀପରେ ତିମିମାନଙ୍କର ମାସ୍ ଷ୍ଟ୍ରାଣ୍ଡିଂ ବା ବହୁସଂଖ୍ୟାରେ ଅଟକି ରହିବା ନୂଆ କଥା ନୁହେଁ । ସେମାନେ ସମୁଦ୍ର ଲହଡ଼ିରେ ଚାଲିଆସି ଉପକୂଳର କମ୍ ପାଣି ଥିବା ଅଞ୍ଚଳରେ ଅଟକିଯାଇଥାନ୍ତି । ୧୯୧୮ରେ ଏହି କାରଣରୁ ହଜାରେ ତିମି ମରିଥିଲେ । କ'ଣ ପାଇଁ ତିମିଗୁଡ଼ିକ ଏତେ ସଂଖ୍ୟାରେ ଏକାଠି ହୁଅନ୍ତି, ତାହା ଏପର୍ଯ୍ୟନ୍ତ ରହସ୍ୟାବୃତ ହୋଇରହିଛି ।





## ଅମ୍ଫନ ତାଣ୍ଡବ

ମେ ୧୬ରେ ଶକ୍ତିଶାଳୀ ସାମୁଦ୍ରିକ ଝଡ଼ ଅମ୍ଫନ ସ୍ଥଳଭାଗ ଛୁଇଁବା ପରେ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ତାଣ୍ଡବ ରଚିଥିଲା । ପରେ ଏହା ବାଂଲାଦେଶ ଆଡ଼କୁ ମୁହାଁଇଥିଲା । ଘଣ୍ଟା ପ୍ରତି ୨୬୦ କି.ମି. ପବନ ବହିବା ସହ ବର୍ଷା ଲାଗିରହିଥିଲା । ମୁହଁକୁ ଯାହା ଆସିଲା ଧ୍ୱସ୍ତବିଧ୍ୱସ୍ତ କରିଦେଲା ଏହି ମହାବାତ୍ୟା । ଏଥିଯୋଗୁ ପଶ୍ଚିମବଙ୍ଗରେ ଓ ବାଂଲାଦେଶରେ ୮୪ ଜଣଙ୍କ ମୃତ୍ୟୁ ଘଟିଥିଲା । କ୍ଷୟକ୍ଷତିର ପରିମାଣ ଥିଲା ୧୩ ବିଲିୟନ୍ ଡଲାର । ଶ୍ରୀଲଙ୍କା ଓ ଭୁଟାନ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲେ ।



## ପାଣି ପାଇଁ ଓଟ ହତ୍ୟା

ଊନବିଂଶ ଶତାବ୍ଦୀରେ ପରିବହନ ତଥା ନିର୍ମାଣ କାର୍ଯ୍ୟ ପାଇଁ ଭାରତ ଓ ଆଫଗାନିସ୍ତାନରୁ ପ୍ରାୟ ୨୦ ହଜାର ଓଟଙ୍କୁ ନେଇଥିଲା ଅଷ୍ଟ୍ରେଲିଆ । ୨୦୨୦ ବେଳକୁ ଏହି ଓଟଙ୍କ ସଂଖ୍ୟା ୩ ଲକ୍ଷ ଟପିଯାଇଥିଲା । ଅଷ୍ଟ୍ରେଲିଆର ୩୭% ଭୂମିରେ ସେଗୁଡ଼ିକ ଚରାବୁଲା କରୁଥିଲେ । ଏହି ବିଦେଶୀ ଜୀବ ଦକ୍ଷିଣ ଅଷ୍ଟ୍ରେଲିଆର ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ପାଇଁ ଜଳାଭାବ ସୃଷ୍ଟି କରିଥିବା ଦର୍ଶାଇ ୫ ହଜାରରୁ ଅଧିକ ଓଟଙ୍କୁ ତାଲିମପ୍ରାପ୍ତ ଶୁଟରଙ୍କୁ ଲଗାଇ ସରକାର ହତ୍ୟା କରାଇଥିଲେ ।

## ମଣି ଖଣି ଭୁଶୁଡ଼ିଲା

ଉତ୍ତର ମ୍ୟାନ୍‌ମାରସ୍ଥିତ ହାପାକାଣ୍ଟର ଏକ ମୂଲ୍ୟବାନ ରତ୍ନପଥର ଖଣି ଜୁଲାଇ ୨ରେ ଭୁଶୁଡ଼ିପଡ଼ିଥିଲା । ପ୍ରବଳ ବର୍ଷା ଯୋଗୁ ମାଟି ଅତଡ଼ା ଖସି ସୁନାମି ଭଳି ମାଡ଼ିଯିବାରୁ ମଣି ସଂଗ୍ରହ କରୁଥିବା ୧୬୨ ଶ୍ରମିକଙ୍କ ଜୀବନ ଯାଇଥିଲା । ବର୍ଷାକୁ ଦୃଷ୍ଟିରେ ରଖି ଖଣି ପାଖକୁ ନ ଯିବା ପାଇଁ ସରକାର ଆଗୁଆ ସତର୍କ କରାଇଥିଲେ ହେଁ ମଣି ଲୋଭରେ ଶ୍ରମିକମାନେ କଟକଣା ମାନି ନ ଥିଲେ ।



## ଭୂକମ୍ପରୁ ସୁନାମି

୨୦୨୦ରେ ଅନେକ ଦେଶରେ ଭୂକମ୍ପ ହୋଇଥିଲା । ତୁର୍କୀ, ଗ୍ରୀସ୍, ଚାଇନା, ଇରାନ, ରୁଷିଆ, ଫିଲିପାଇନ୍ସ ଓ ଭାରତ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଥିଲେ । ଅକ୍ଟୋବର ୩୦ରେ ଗ୍ରୀସ୍ ଓ ତୁର୍କୀରେ ହୋଇଥିବା ଭୂକମ୍ପ ପରେ ସୁନାମି ଆସିଥିଲା । ବହୁ ବଡ଼ ବଡ଼ କୋଠା ଧୂଳିସାତ୍ ହୋଇଯାଇଥିଲା । ଗ୍ରୀକ୍ ସହର କାର୍ଲୋଭାସିଠାରୁ ୧୪ କି.ମି. ଦୂରରେ ଥିବା ଏଜିଆନ୍ ସି'ରେ ଏହାର କେନ୍ଦ୍ରସ୍ଥଳ ଥିଲା । ତୁର୍କୀର ଇଜ୍‌ମିର ପ୍ରଦେଶରେ ୭.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଏଥିରେ ୪୫ ଜଣଙ୍କ ଜୀବନ ଯାଇଥିଲା ।



## କରାଚୀ ବିମାନ ଦୁର୍ଘଟଣା

ମେ ୨୨ରେ ପାକିସ୍ତାନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସର ଏକ ବିମାନ ଲାହୋରରୁ କରାଚୀ ଯାଉଥିବାବେଳେ ଜିନ୍ନା ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣର ୧ ମିନିଟ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କରାଚୀର ଜନବହୁଳ ମଡେଲ କଲୋନି ଉପରେ ବିମାନ ଖସିପଡ଼ିବାରୁ ୯୧ ଯାତ୍ରୀ ଓ ୮ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୯୭ ଜଣଙ୍କ ମୃତ୍ୟୁ ଘଟିଥିଲା । ପାଇଲଟ ଓ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ତ୍ରୁଟି ଯୋଗୁ ଏହି ବିପର୍ଯ୍ୟୟ ଘଟିଥିବା ତଦନ୍ତ ପରେ ଜଣାପଡ଼ିଥିଲା । ଉକ୍ତ ବିମାନ ଦୁର୍ଘଟଣା ପରେ ପାକିସ୍ତାନ ସରକାର ୫୦ ପାଇଲଟଙ୍କ ଲାଇସେନ୍ସ ରଦ୍ଦ କରିଦେଇଥିଲେ । ଅସାଧୁ ଉପାୟରେ ସେମାନେ କିପରି ପ୍ରମାଣପତ୍ର ହାତେଇଥିଲେ ତାହାର ତଦନ୍ତ କରାଯାଇଥିଲା ।





## ଲାଭା ଉଦ୍‌ଗିରଣ

ଜାନୁୟାରୀ ୧୨ରେ ଫିଲିପାଇନ୍ସର ଲୁଜୋନସ୍ଥିତ ତାଲ୍ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହୋଇଥିଲା । ଦେଶର ଏହି ଦ୍ୱିତୀୟ ସକ୍ରିୟ ଆଗ୍ନେୟଗିରିଠାରୁ ୧୦୦ କି.ମି. ଦୂର ପର୍ଯ୍ୟନ୍ତ ପାଉଁଶ ବ୍ୟାପିଯାଇଥିଲା । ୪୩ ବର୍ଷ ପରେ ହୋଇଥିବା ଉଦ୍‌ଗିରଣ ଯୋଗୁ ୩ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ସେହିପରି ନଭେମ୍ବର ଶେଷରେ ଇଣ୍ଡୋନେସିଆର ମାଉଣ୍ଟ ଇଲି ଲେୱୋଟୋଲୋକ୍ ଆଗ୍ନେୟଗିରି ବିଷାକ୍ତ ଗ୍ୟାସ୍ ଓକାଳିଥିଲା । ବାୟୁମଣ୍ଡଳରେ ୪ କି.ମି. ପର୍ଯ୍ୟନ୍ତ ଧୂଆଁ ଓ ପାଉଁଶ ଛାଇହୋଇ ରହିବାରୁ ଇଷ୍ଟ ନୁସା ଟେଙ୍ଗାରା ପ୍ରଦେଶର ଲେମ୍ବାଟା ଦ୍ୱୀପରେ ଥିବା ୨୮ ଗ୍ରାମ ପ୍ରଭାବିତ ହୋଇଥିଲା । ଡିସେମ୍ବର ୨୦ ରାତିରେ ଆମେରିକାର ହୱାଇସ୍ଥିତ ବିଗ୍ ଆଇଲାଣ୍ଡର କିଲାଉଆ ଆଗ୍ନେୟଗିରି ଶିଖରରୁ ହଠାତ୍ ଲାଭା ଉଦ୍‌ଗିରଣ ହେବାରୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଥିଲେ । ଏହାର କିଛି ସମୟ ପରେ ସେଠାରେ ୪.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଥିଲା ।



## ପଙ୍ଗପାଳ ଦୌରାତ୍ମ୍ୟ

ଜୁନ୍‌ରେ ପୂର୍ବ ଆଫ୍ରିକା ଓ ଭାରତ ସମେତ ଏସିଆର ଅନେକ ଦେଶରେ ଚାଷୀଙ୍କୁ ଆତଙ୍କିତ କରିଥିଲା ପଙ୍ଗପାଳ । ମରୁ ପଙ୍ଗପାଳ ଦଳ ରାଜସ୍ଥାନ, ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଦିଲ୍ଲୀ ଏପରି କି ଓଡ଼ିଶାକୁ ମଧ୍ୟ ମାଡ଼ିଆସିଥିଲେ । ପୂର୍ବ ଆଫ୍ରିକାରୁ ପାକିସ୍ତାନ ଦେଇ ଆସିଥିବା ଏହି କୀଟ ଭାରତରେ ବହୁ ଫସଲ ନଷ୍ଟ କରିଥିଲା । ୨୬ ବର୍ଷ ମଧ୍ୟରେ ଭାରତୀୟ କୃଷି ଉପରେ ଏହା ଥିଲା ସବୁଠୁ ବଡ଼ ଆକ୍ରମଣ । ଏହି ବିଦେଶାଗତ କୀଟ ଦିନକୁ ୩୫,୦୦୦ ଲୋକଙ୍କ ଖାଦ୍ୟ ଖାଇବାକୁ ସକ୍ଷମ । ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧିକୁ ପଙ୍ଗପାଳ ବଂଶବୃଦ୍ଧି ପାଇଁ ଦାୟୀ କରାଯାଇଥିଲା ।

## ହାତୀ ମଡ଼କ



ଦକ୍ଷିଣ ଆଫ୍ରିକାରେ ଗଜଙ୍କ ଭୂସ୍ୱର୍ଗ କୁହାଯାଉଥିବା ବୋତୋସ୍ୱାନାର ଓକାଭାଙ୍ଗୋ ତ୍ରିକୋଣଭୂମିରେ ମେ-ଜୁନ୍ ମାସରେ ହାତୀ ମଡ଼କ ଜୀବଜନ୍ତୁ ପ୍ରେମୀଙ୍କ ଚିନ୍ତା ବଢ଼ାଇଦେଇଥିଲା । ଏଠାରେ ମାତ୍ର ୨ ମାସରେ ୩୫୦ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତଦେହ ଆକାଶମାର୍ଗରୁ ଦେଖିବାକୁ ମିଳିଥିଲା । ତନାଘନା ପରେ ବିଶେଷଜ୍ଞମାନେ ଜାଣିବାକୁ ପାଇଲେ ଯେ, ସ୍ୟାନୋବ୍ୟାକ୍ଟେରିଆ ନାମକ ଏକ ବିଷାକ୍ତ ବୀଜାଣୁ ସଂସ୍ପର୍ଶରେ ଆସି ହାତୀଗୁଡ଼ିକ ମୃତ୍ୟୁମୁଖରେ ପଡ଼ିଥିଲେ । ହାତୀ ମଡ଼କ ପଛରେ କୌଣସି ଶିକାରୀଙ୍କ ହାତ ନ ଥିଲା । କାରଣ ହାତୀଙ୍କ ମୃତଦେହରେ ଦାନ୍ତ ଅକ୍ଷତ ରହିଥିଲା ।



## ଖସିଲା ୟୁକ୍ରେନ ବିମାନ

ଜେନେରାଲ କାସିମ୍ ସୋଲେମାନିଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଆମେରିକାକୁ ତୁହାକୁ ତୁହା ଟାର୍ଗେଟ କରୁଥାଏ ଇରାନ । ଜାନୁୟାରୀ ୮ ତାରିଖରେ ୟୁକ୍ରେନ ଇଣ୍ଟରନ୍ୟାଶନାଲ ଏୟାର ଲାଇନ୍ସର ଏକ ଘରୋଇ ବିମାନ ତେହେରାନ ଦେଇ କିଏଭ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ବୋଇଂ ୭୩୭କୁ ଶତ୍ରୁ ଆମେରିକା ଆକ୍ରମଣ ଉଦ୍ଦେଶ୍ୟରେ ପଠାଇଥିବା ସନ୍ଦେହ କରି ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ୍ସ କର୍ପ୍ସ ତାକୁ ଉଡ଼ାଇଦେଇଥିଲେ । ଏହି ଆକ୍ରମଣରେ ବିମାନର ସମସ୍ତ ୧୭୬ ଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା । ଇରାନ ପ୍ରଥମେ ଏହାକୁ ଖଣ୍ଡନ କରୁଥିଲେ ହେଁ ପରବର୍ତ୍ତୀ ସମୟରେ ଦୋଷ ସ୍ୱୀକାର କରି କ୍ଷମା ମାଗିଥିଲା ।

## ବିଷାକ୍ତ ମଦ ପିଇ ୭୦୦ ମୃତ

ଘାତକ କୋଭିଡ୍-୧୯ ବିଶ୍ୱରେ ଆତଙ୍କ ସୃଷ୍ଟି କରି ମୁଣ୍ଡ ପରେ ମୁଣ୍ଡ ନେଇ ଚାଲିଥିବାବେଳେ ଇରାନରେ ଏପ୍ରିଲ ମାସରେ ସୋସିଆଲ ମିଡିଆ ଗୁଜବ ସାଜିଥିଲା ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁର କାରଣ । କରୋନାରୁ ବର୍ତ୍ତିବା ପାଇଁ ଲୋକେ ବାଉଳା ହୋଇ ଏକ ପୋଷ୍ଟିଂ ଉପରେ ଭରସା କରିଥିଲେ । ଏହି ଇସ୍‌ଲାମିକ୍ ରାଷ୍ଟ୍ରରେ ମଦ୍ୟପାନ ନିଷିଦ୍ଧ ହୋଇଥିଲେ ହେଁ ଲୋକେ ମିଥାନଲ ପିଇବାକୁ ଖୋଜିଥିଲେ । ମହାମାରୀ କରୋନା ସହ ବିଷାକ୍ତ ମିଥାନଲ ଆଣିଥିଲା ଦୋହରା ସଙ୍କଟ ।



